# Govt. Autonomous College,Rourkela

+3 3rd Year

5th Semistar - 2022

(DSE - 2)

Time : 3 Hrs. ODIA Full Marks :

୧. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର ବିଶିଷ୍ଟ ।

କ. ଶିଶୁ ସାହିତ୍ୟକୁ ଇଂରାଜୀରେ କ'ଣ କୁହାଯାଏ ?

ଖ. 'ସର୍ଚ୍ଚଫର ଏକ୍ସଟ୍ରାଟେରେଷ୍ଟ୍ରିଆଲ ଇଣ୍ଟେଲିଜେନସ୍'କୁ ସଂକ୍ଷେପରେ କ'ଣ କୁହାଯାଏ ?

ଗ. 'ସେଟି' ଇନ୍‌ଷ୍ଟିଚ୍ୟୁଟିଟିକୁ କେବେ ପ୍ରତିଷ୍ଠା କରାଯାଇଥିଲା ?

ଘ. 'କ୍ୱାଣ୍ଟମ୍ ଗ୍ରାଫିଜି' ମଡେଲଟିକୁ କିଏ ପ୍ରଣୟନ କରିଥିଲେ ?

ଙ. ବିଶ୍ୱର କେତେ ପ୍ରତିଶତ ଅଂଶ ଆମ୍ଭମାନଙ୍କ ପ୍ରତି ଅଦୃଶ୍ୟମାନ ଅନ୍ଧକାର ବସ୍ତୁ ଓ ଅନ୍ଧକାର ଶକ୍ତି (dark energy) ଦ୍ୱାରା ଗଠିତ ହୋଇଛି ?

ଚ. 'ଡିଏନ୍‌ଏ' ତତ୍ତ୍ୱଟି କେଉଁ ସଂପର୍କିତ ?

ଛ. 'ପାରମାଣବିକ ତତ୍ତ୍ୱ' କେଉଁ ସଂପର୍କିତ ?

ଜ. 'ହାଇପରସ୍ପେସ' ପୁସ୍ତକର ଲେଖକ କିଏ ?

ଝ. 'ଆପେକ୍ଷିକ ତତ୍ତ୍ୱ'ର ଉଦ୍ଭାବକ କିଏ ?

ଞ. ଡଃ. ଗୋକୁଳାନନ୍ଦ ମହାପାତ୍ର କେବେ ଜନ୍ମଗ୍ରହଣ କରିଥିଲେ ?

ଟ. 'ପୃଥିବୀ ବାହାରେ ମଣିଷ' ଉପନ୍ୟାସଟି କେବେ ପ୍ରକାଶ ଲାଭ କରିଥିଲା ?

ଠ. ଓଡ଼ିଆ ଭାଷାରେ ରଚିତ ପ୍ରଥମ ବୈଜ୍ଞାନିକ ଉପନ୍ୟାସର ନାମ ଲେଖ ?

ଡ. ଡକ୍ଟର ରିଚାର୍ଡସନଙ୍କ ଘର କେଉଁଠାରେ ?

ଢ. ମିସ୍ ଲରା ଓ୍ୱାକର କେଉଁ ବିଷୟରେ ଗବେଷଣା କରିଥିଲେ ?

ଣ. ଗୋକୁଳାନନ୍ଦ ମହାପାତ୍ର କେବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ ହୋଇଥିଲେ ?

ତ. 'ମୋ ବନ୍ଧୁ ଶ୍ରୀ ଲକି' ପୁସ୍ତକଟିର ଲେଖକ କିଏ ?

ଥ. ଡକ୍ଟର ଦିଗରାଜ ବ୍ରହ୍ମାଙ୍କ ଦ୍ୱାରା ରଚିତ 'ମୁନା ଡାକ୍ତର' ପୁସ୍ତକଟି କେଉଁ ପର୍ଯ୍ୟାୟର ।

ଦ. 'ଅଦ୍ଭୁତ ସେ ଅପରାଧ' କେବେ ପ୍ରକାଶ ଲାଭ କରିଥିଲା ?

ଧ. 'ଉଡ଼ନ୍ତା ଥାଳିଆ' ବିଜ୍ଞାନଭିତ୍ତିକ ଗଳ୍ପ କିଏ ଲେଖିଥିଲେ ?

ନ. 'ତାରା ରାଇଜର କଥା' ପୁସ୍ତକଟି କିଏ ଲେଖିଥିଲେ ?

ପ. ଶିଶୁର କଳ୍ପନାକୁ କେତୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ ?

ଫ. କେଉଁ ସ୍ତରର ଶିଶୁମାନଙ୍କ ପାଇଁ ଶିଶୁ ସାହିତ୍ୟ ରଚନା କରାଯାଇଥାଏ ?

ବ. 'ନାନାବାୟା ଗୀତ'କୁ ଇଂରାଜୀରେ କ'ଣ କୁହାଯାଏ ?

ଭ. କିଏ ନାନାବାୟା ଗୀତର ନାମ 'ଛେଲେ ଭୁଲାନୋ ଛଡ଼ା' ଦେଇଛନ୍ତି ?

ମ. 'ବାଲବୋଧ' କାହାର ରଚନା ?

୨. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର ବିଶିଷ୍ଟ ।

କ. ଲୋକଗୀତ ପ୍ରଭାବିତ ଦୁଇଟି ଶିଶୁ କବିତାର ଉଦାହରଣ ଦିଅ ।

ଖ. ବିଶ୍ୱ ପରୀ କାହାଣୀର ପ୍ରମୁଖ ସ୍ରଷ୍ଟା ଏବଂ ତାଙ୍କର ସୃଷ୍ଟିର ନାମ ଲେଖ ।

ଗ. ପ୍ରଥମ ଓଡ଼ିଆ ଶିଶୁପତ୍ରିକା କେବେ ଓ କାହାଦ୍ୱାରା ସଂପାଦିତ ହୋଇଥିଲା ?

ଘ. ପ୍ରସିଦ୍ଧ ଶିଶୁ ପତ୍ରିକା 'ଜହ୍ନ ମାମୁଁ' କେବେ କାହା ଦ୍ୱାରା ପ୍ରକାଶିତ ହୋଇଥିଲା ?

ଙ. ମାନବେତର ଶିଶୁଗଳ୍ପ କହିଲେ କ'ଣ ବୁଝ ? ଦୁଇଟି ଉଦାହରଣ ଦିଅ ?

ଚ. ଦୁଇଟି ଅନୂଦିତ ଶିଶୁ କବିତାର ଉଦାହରଣ ଦିଅ ।

ଛ. ବିଜ୍ଞାନଭିତ୍ତିକ ଶିଶୁନାଟକ ଦୁଇଟିର ଉଦାହରଣ ଦିଅ ।

ଜ. ଦୁଇଟି ବିଜ୍ଞାନଭିତ୍ତିକ ଶିଶୁ ଗଳ୍ପର ନାମ ଲେଖ ।

ଝ. ପ୍ରଥମ ବିଜ୍ଞାନଭିତ୍ତିକ ନାଟକ ଏବଂ ନାଟ୍ୟକାରଙ୍କ ନାମ ଲେଖ ।

ଞ. ଦୁଇଟି ବିଜ୍ଞାନଭିତ୍ତିକ ପ୍ରବନ୍ଧ ସଂକଳନର ନାମ ଉଲ୍ଲେଖ କର ।

ଟ. 'ବ୍ଲାକହୋଲ' ପୁସ୍ତକର ରଚୟିତା କିଏ ? ଏହା କେବେ ପ୍ରକାଶ ଲାଭ କରିଥିଲା ?

ଠ. ଦୁଇଟି ବିଜ୍ଞାନଭିତ୍ତିକ କବିତାର ନାମ ଉଲ୍ଲେଖ କର ।

ଡ. ଅନ୍ତର୍ଦ୍ଧାନ ହୋଇଥିବା ଲରା ୱାକରଙ୍କୁ କିଏ କେଉଁଠି ସନ୍ଧାନ କରିପାରିଥିଲେ ?

ଢ. ଛାତ୍ରୀ ଲରା ୱାକରଙ୍କ ନାମରେ ଆମେରିକା ପୋଲିସ୍ ପକ୍ଷରୁ କେଉଁ ଅଭିଯୋଗ ରହିଥିଲା ?

ଣ. ଲରା ୱାକର କେଉଁ ବିଷୟରେ ଗବେଷଣା ପାଇଁ କେଉଁ ବିଶ୍ୱବିଦ୍ୟାଳୟକୁ ଆସିଥିଲେ ?

ତ. ଲରା ୱାକର କେଉଁ ବିଶ୍ୱବିଦ୍ୟାଳୟରେ କେଉଁ ବିଷୟରେ ଏମ୍.ଏସି. ପାସ୍ କରିଥିଲେ ?

ଥ. ବେଗ ହ୍ରାସକ ଯନ୍ତ୍ର ଏବଂ ରେଫ୍ରିଜେରେଟରର ଯନ୍ତ୍ରର କାର୍ଯ୍ୟ ସଂପର୍କରେ ଲେଖ ।

ଦ. ମଙ୍ଗଳ ଗ୍ରହରେ ଥିବା ଭାଷା ଓ ଅକ୍ଷର ଶିକ୍ଷା ଯନ୍ତ୍ର ସମ୍ପର୍କରେ ସଂକ୍ଷିପ୍ତ ଟିପ୍ପଣୀ ଦିଅ ।

ଧ. ସୌର ବାୟୁମଣ୍ଡଳର ବିଭିନ୍ନ ସ୍ତର ଏବଂ ଅବସ୍ଥିତି ସଂପର୍କରେ ଲୋକ ।

ନ. ସୌର ବାୟୁମଣ୍ଡଳର କେଉଁ ଦୁଇଟି ସ୍ତର ସାଧାରଣ ଦିନମାନଙ୍କରେ ଦେଖିବାକୁ ମିଳି ନ ଥାଏ ?

ପ. ସୌର କେନ୍ଦ୍ର କହିଲେ କ'ଣ ବୁଝ ?

ଫ. 'ସିପି ଉଲଂଘନ ପ୍ରକ୍ରିୟା'ରେ 'ସି' ଏବଂ 'ପି' ଅକ୍ଷର ଦୁଇଟି କାହା ସଂକେତ ରୂପେ ବ୍ୟବହୃତ ?

ବ. 'ଷ୍ଟାଣ୍ଡାର୍ଡ ମଡେଲ' କହିଲେ କ'ଣ ବୁଝ ? ଏହା ବିଶ୍ୱ ସଂପର୍କରେ କ'ଣ କହିଛି ?

ଭ. 'ନିରବତା ଧ୍ୱନି' ନାମକ ଆଲୋଚନା ଚକ୍ରଟି କେବେ, କେଉଁଠି ଅନୁଷ୍ଠିତ ହୋଇଥିଲା ?

ମ. କ୍ୱାଣ୍ଟସର ପ୍ରକୃତି ସଂପର୍କରେ 'କୋପେନହୋଗେନ୍ ବ୍ୟାଖ୍ୟା' କ'ଣ କହିଥାଏ ?

୩. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର ବିଶିଷ୍ଟ ।

କ. ଶିଶୁ ମନୋବିଜ୍ଞାନ ସଂପର୍କରେ ସଂକ୍ଷେପରେ ଲେଖ ।

ଖ. ଶିଶୁ ଗଳ୍ପର ରଚନା ଶୈଳୀ ସଂପର୍କରେ ସଂକ୍ଷେପରେ ଲେଖ ।

ଗ. ଶିଶୁ ସାହିତ୍ୟ ରଚନା ସମୟରେ ଶିଶୁ ସାହିତ୍ୟିକଙ୍କ ପ୍ରଥମ କାର୍ଯ୍ୟଟିକୁ ଉଲ୍ଲେଖ କର ।

ଘ. ଜାତୀୟ ସ୍ତରରେ ଶିଶୁ ସାହିତ୍ୟର ବିକାଶ କ୍ଷେତ୍ରରେ କେଉଁ କେଉଁ ଅନୁଷ୍ଠାନଗୁଡ଼ିକ କାର୍ଯ୍ୟରତ ?

ଙ. ଶିଶୁ ଗୀତରେ କେଉଁ ଶବ୍ଦଗୁଡ଼ିକ ଅଧିକ ଗ୍ରହଣୀୟ ? ଏପରି ଶବ୍ଦ ଗ୍ରହଣ କରିବାର କାରଣଟି ଉଲ୍ଲେଖ କର ।

ଚ. ପ୍ରାଣୀ ଚରିତ୍ରଭିତ୍ତିକ ଶିଶୁ କବିତାରୁ ଶିଶୁମାନେ କେଉଁ ଶିକ୍ଷା ପାଇଥାନ୍ତି ?

ଛ. ବିଜ୍ଞାନଭିତ୍ତିକ ସାହିତ୍ୟ କହିଲେ କ'ଣ ବୁଝ ? ଏଥିରେ କେଉଁ ବିଷୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ ?

ଜ. ବିଜ୍ଞାନଭିତ୍ତିକ ସାହିତ୍ୟର ସ୍ୱରୂପ ସଂକ୍ଷେପରେ ପ୍ରଦାନ କର ?

ଝ. ବିଜ୍ୟାନଭିତ୍ତିକ ସାହିତ୍ୟ ଏବଂ ସାଧାରଣ ସାହିତ୍ୟ ମଧ୍ୟରେ ସୂକ୍ଷ୍ମଗତ ପାର୍ଥକ୍ୟ ଦର୍ଶାଅ ।

ଞ. ବିଜ୍ଞାନଭିତ୍ତିକ ଉପନ୍ୟାସର ସ୍ୱରୂପ ସଂକ୍ଷେପରେ ଲେଖ ।

ଟ. ବିଜ୍ଞାନଭିତ୍ତିକ ସାହିତ୍ୟର କଥାବସ୍ତୁ କିଭଳି ହେବା ଉଚିତ ?

ଠ. 'ଉଡ଼ନ୍ତା ଥାଳିଆ' କେଉଁ ଲେଖକଙ୍କ ବହୁଚର୍ଚ୍ଚିତ ଗଳ୍ପ ସଂକଳନ ? ଏହି ସଂକଳନରେ ଗଳ୍ପଗୁଡ଼ିକର ଅନ୍ତଃସ୍ୱର ସଂକ୍ଷେପରେ ଉଲ୍ଲେଖ କର ।

ଡ. ବାଗକେଲିୟସର ବ୍ୟବହାର ସମ୍ପର୍କରେ ଡକ୍ଟର ରିଚାର୍ଡସନ୍ କେଉଁ ମତାମତ ଦେଇଥିଲେ ?

ଢ. ମଙ୍ଗଳଗ୍ରହ ସମ୍ପର୍କରେ ଜ୍ୟୋତିର୍ବିଦ୍‌ମାନଙ୍କ ମତାମତ କ'ଣ ଥିଲା ?

ଣ. ମଙ୍ଗଳଗ୍ରହ ସମ୍ପର୍କରେ ସୌରଜଗତର ଇତିହାସ କ'ଣ କହିଥାଏ ?

ତ. ପୃଥିବୀରେ ଯୁଦ୍ଧ ବିଭୀଷିକା ଦେଖାଯିବାର କାରଣ ସମ୍ପର୍କରେ ଡକ୍ଟର ରିଚାର୍ଡସନ୍‌ଙ୍କ ମତାମତ କ'ଣ ଥିଲା ?

ଥ. ଖାଦ୍ୟ ଶସ୍ୟ ଉତ୍ପାଦନରେ ସାଂଶ୍ଲେଷିକ ପଦ୍ଧତିର ଭୂମିକା ସମ୍ପର୍କରେ ଉଲ୍ଲେଖ କର ।

ଦ. ମଙ୍ଗଳ ଗ୍ରହର ବୈଜ୍ଞାନିକମାନେ ପୃଥିବୀ ଗ୍ରହର ଅଭିଯାନରୁ କ୍ଷାନ୍ତ ହେବାର କାରଣ କ'ଣ ?

ଧ. ସୂର୍ଯ୍ୟକୁ ସକଳ ଶକ୍ତିର ଆଧାର କହିବାର ଯଥାର୍ଥତା ଉଲ୍ଲେଖ କର ?

ନ. ଗାମାରଶ୍ମିର ସୃଷ୍ଟି ପ୍ରକ୍ରିୟା ସଂପର୍କରେ ସଂକ୍ଷେପରେ ଲେଖ ।

ପ. 'ଅନିଶ୍ଚିତ ସିଦ୍ଧାନ୍ତ' କହିଲେ କ'ଣ ବୁଝ ?

ଫ. 'ସିପି ଉଲଂଘନ ପ୍ରକ୍ରିୟା' କହିଲେ କ'ଣ ବୁଝ ?

ବ. 'ତୀର୍ଯ୍ୟକତା' କହିଲେ କ'ଣ ବୁଝ ?

ଭ. 'ଫଟା – ତତ୍ତ୍ୱ' ସଂପର୍କରେ ସଂକ୍ଷେପରେ ଲେଖ ।

ମ. 'ଫ୍ରାକ୍ଟାଲ' କହିହେ କ'ଣ ବୁଝ ?

୪. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭ ନମ୍ବର ।

କ. 'ବିଚିତ୍ର ଏ ବିଶ୍ୱ' ପୁସ୍ତକରେ ବିଶ୍ୱ ସୃଷ୍ଟି ସଂପର୍କିତ ବିଜ୍ଞାନଭିତ୍ତିକ ତଥ୍ୟ ଓ ତତ୍ତ୍ୱକୁ ବିଶ୍ଳେଷଣ କର ।

ଖ. ସମଗ୍ର ବିଶ୍ୱ ପରିପ୍ରେକ୍ଷୀରେ କେବଳ ପୃଥିବୀରେ ହିଁ ଜୀବଜଗତ ସୃଷ୍ଟି ସମ୍ଭବ ସଂପର୍କିତ ବିଜ୍ଞାନଭିତ୍ତିକ ତଥ୍ୟ ଓ ତତ୍ତ୍ୱକୁ ବିଶ୍ଲେଷଣ କର ।

ଗ. 'ବିଚିତ୍ର ଏ ବିଶ୍ୱ' ପୁସ୍ତକରେ ଆମେ ବସବାସ କରୁଥିବା ବିଶ୍ୱର ବିଚିତ୍ର ରୂପ ସଂପର୍କରେ ବୈଜ୍ଞାନିକ ତଥ୍ୟ ଓ ତତ୍ତ୍ୱକୁ ବିଶ୍ଳେଷଣ କର ।

ଘ. ପିଂଡାକ୍ଷେତ୍ର ତତ୍ତ୍ୱଜ୍ଞ ପ୍ରଫେସର ମିଚିଓ କାକୁଙ୍କ ଗବେଷଣାତ୍ମକ ଏବଂ ବିଜ୍ଞାନଭିତ୍ତିକ ସାହିତ୍ୟିକ ଦିଗ ଉପରେ ଆଲୋକପାତ କର ।

ଙ. 'ବିଚିତ୍ର ଏ ବିଶ୍ୱ' ଏକ ସାର୍ଥକ ବିଜ୍ଞାନଭିତ୍ତିକ ପ୍ରବନ୍ଧ ସଂକଳନ ନିଜ ଦୃଷ୍ଟିକୋଣୁ ବିଚାର କର ।

ଚ. 'ପୃଥିବୀ ବାହାରେ ମଣିଷ' ଏକ ସାର୍ଥକ ବୈଜ୍ଞାନିକ ଉପନ୍ୟାସ ନିଜ ଦୃଷ୍ଟିକୋଣରୁ ବିଚାର କର ।

ଛ. 'ପୃଥିବୀ ବାହାରେ ମଣିଷ' ଉପନ୍ୟାସରେ ସାମାଜିକ ଓ ରାଜନୀତିକ ଦୃଷ୍ଟିଭଙ୍ଗୀ ସମ୍ପର୍କରେ ଆଲୋଚନା କର ।

ଜ. 'ପୃଥିବୀ ବାହାରେ ମଣିଷ' ଉପନ୍ୟାସରେ ଥିବା ବୈଜ୍ଞାନିକ ତଥ୍ୟ ଓ ତତ୍ତ୍ୱକୁ ବିଶ୍ଲେଷଣ କର ।

ଝ. 'ପୃଥିବୀ ବାହାରେ ମଣିଷ' ଉପନ୍ୟାସର ଭାଷା ଓ ଶୈଳୀ ସମ୍ପର୍କରେ ଆଲୋକପାତ କର ।

ଞ. ଡକ୍ଟର ରିଚାର୍ଡସନ୍‌ଙ୍କ ଚରିତ୍ର ଚିତ୍ରଣ କର ।

ଟ. ବିଜ୍ଞାନଭିତ୍ତିକ ସାହିତ୍ୟର ସ୍ୱରୂପ ଓ ପ୍ରକାରଭେଦ ସଂପର୍କରେ ବିଶ୍ଳେଷଣ କର ।

ଠ. ବିଜ୍ଞାନଭିତ୍ତିକ ଗଳ୍ପ ସାହିତ୍ୟର ବିକାଶଧାରା ସଂପର୍କରେ ଆଲୋଚନା କର ।

ଡ. ବିଜ୍ଞାନଭିତ୍ତିକ ପ୍ରବନ୍ଧ ସାହିତ୍ୟର ବିକାଶ ଧାରା ସଂପର୍କରେ ଆଲୋଚନା କର ।

ଢ. ବିଜ୍ଞାନଭିତ୍ତିକ ଶିଶୁ ସାହିତ୍ୟର ବିକାଶଧାରା ସଂପର୍କରେ ଆଲୋଚନା କର ।

ଣ. ବିଜ୍ଞାନଭିତ୍ତିକ ସାହିତ୍ୟର ବିକାଶଧାରାରେ ଶରତକୁମାର ମହାନ୍ତିଙ୍କ ଅବଦାନ ସଂପର୍କରେ ଆଲୋଚନା କର ।

ତ. ଶିଶୁ ସାହିତ୍ୟର ସଂଜ୍ଞା ଓ ସ୍ୱରୂପ ସଂପର୍କରେ ଆଲୋଚନା କର ।

ଥ. ଶିଶୁ ସାହିତ୍ୟର ସଂଜ୍ଞା ଓ ପ୍ରକାର ଭେଦ ଆଲୋଚନା କର ।

ଦ. ଶିଶୁ ସାହିତ୍ୟର ଶିଳ୍ପରୀତି ସମ୍ପର୍କରେ ଆଲୋଚନା କର ।

ଧ. ଶିଶୁ ସାହିତ୍ୟର ବିକାଶରେ ପତ୍ରପତ୍ରିକାର ଅବଦାନ ସଂପର୍କରେ ଆଲୋଚନା କର ।

ନ. ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ଶିଶିସାହିତ୍ୟର ବିକାଶଧାରା ଦର୍ଶାଅ ।

***